# ଓଡ଼ିଶା ସରକାର

# ପଞ୍ଚାୟତିରାଜ ବିଭାଗ

ଚିଠି ସଂ. ୩୮୨୦୮ / ପି. ଆର୍. ତା ୫.୧୨.୦୯
ଆଇଆଇ – ଏନ୍.ଆର୍.ଇ.ଜି.ଏସ୍ – ୪୩ / ୦୯

ପ୍ରେରକ

ଶ୍ରୀ ଏସ. ଏନ୍. ତ୍ରିପାଠୀ, ଆଇ. ଏ. ଏସ୍
କମିଶନର୍ ତଥା ସଚିବ

ଶ୍ରୀ ଏ.କେ. ତ୍ରିପାଠୀ, ଆଇ.ଏ.ଏସ୍
ପ୍ରମୁଖ ସଚିବ

ପ୍ରାପ୍ତେଷୁ

ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ/

ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଡ଼ି.ଆର୍.ଡ଼ିଏ/ ପ୍ରକଳ୍ପ ପରିଚାଳକ, ଆଇ.ଟି.ଡ଼ି.ଏ

**ବିଷୟ : ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତରେ ଜଙ୍ଗଲ ଅଧିକାର ଆଇନ୍‌ରେ ଜମି ପାଇଥିବା ହିତାଧିକାରୀଙ୍କ ଜମିର ଉନ୍ନତିକରଣ, ଉଦ୍ୟାନଭିତ୍ତିକ ବୃକ୍ଷରୋପଣଏବଂ ପୋଖରୀ ଖନନ କାର୍ଯ୍ୟ ସମ୍ବନ୍ଧେ ।**

ମହାଶୟା/ମହାଶୟ,

ଉପରୋକ୍ତ ପ୍ରସଙ୍ଗ ସମ୍ବନ୍ଧରେ ଆପଣଙ୍କଂ ସୂଚାଇବା ନିମନ୍ତେ ଚାହେଁ ଯେ, ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଆଇନ୍‌ର ସଂଶୋଧିତ ଅନୁସୂଚୀ – ୧ର ପାରା – ୧ (ଘ) ରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର କିମ୍ବା ଭୂ-ସଂସ୍କାର ହିତାଧିକାରୀ କିମ୍ବା ଇନ୍ଦିରା ଆବାସ ଯୋଜନା ଅନ୍ତର୍ଗତ ହିତାଧିକାରୀ କିମ୍ବା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କର ଜମିରେ ଜଳସେଚନର ସୁବିଧା, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ ଜମିର ଉନ୍ନତିକରଣ ନିମନ୍ତେ ସୂଚନା ପ୍ରଦାନ କରାଯାଇଛି । ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଜମି ପାଇଥିବା ହିତାଧିକାରୀମାନଙ୍କ ଜୀବନଜୀବିକାର ବିକାଶ ନିମନ୍ତେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ସେମାନଙ୍କର ଜମିର ଉନ୍ନତିକରଣ ପ୍ରକ୍ରିୟା, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ ପୋଖରୀ ଖନନ ପ୍ରଭୃତି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ତେଣୁ, ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଜମି ପାଇଥିବା ହିତାଧିକାରୀମାନଙ୍କ ଜମିର ଉନ୍ନତିକରଣ, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ ପୋଖରୀ ଖନନ କାର୍ଯ୍ୟ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ କରିବା ନିମନ୍ତେ ନିମ୍ନଲିଖିତ ମାର୍ଗଦର୍ଶିକା ଅନୁଯାୟୀ ପ୍ରକଳ୍ପ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (PA ITDAs) ଏବଂ ଜିଲ୍ଲା ସ୍ତରରେ କୃଷି ବିଭାଗ ସହିତ ଯୋଗାଯୋଗ କରିବା ନିମନ୍ତେ ଅନୁରୋଧ କରାଯାଉଛି ।

## ହିତାଧିକାରୀଙ୍କ ଯୋଗ୍ୟତା:

ଜଙ୍ଗଲ ଅଧିକାର ଆଇନ୍ ଅଧିନରେ ଜମି ପାଇଥିବା ହିତାଧିକାରୀ ଯିଏକି ଯେକୌଣସି ବର୍ଗର ଯଥା ଦରିଦ୍ର ସୀମାତଳେ ଥିବା ପରିବାର/ ଅନୁସୂଚୀତ ଜାତି/ ଅନୁସୂଚୀତ ଜନଜାତି/ ଇନ୍ଦିରା ଆବାସ ଯୋଜନା/ ଭୂ-ସଂସ୍କାର ହିତାଧିକାରୀ/ କ୍ଷୁଦ୍ର କିମ୍ବା ନାମମାତ୍ର ଚାଷୀ ଏହି କାର୍ଯ୍ୟକ୍ରମ ନିମନ୍ତେ ଯୋଗ୍ୟ ବିବେଚିତ ହୋଇପାରିବେ । ସେମାନେ ସମସ୍ତେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅଧିନରେ ଗ୍ରାମପଞ୍ଚାୟତ ଦ୍ୱାରା ପ୍ରଦାନ କରାଯାଇଥିବା ପଞ୍ଜିକୃତ ଜବ୍ କାର୍ଡଧାରୀ ହୋଇଥିବା ଆବଶ୍ୟକ ।

## ହିତାଧିକାରୀଙ୍କ ଚୟନ ପ୍ରକ୍ରିୟା:

ଏହି କାର୍ଯ୍ୟକ୍ରମ ନିମନ୍ତେ ପଲ୍ଲୀସଭା ହିତାଧିକାରୀଙ୍କୁ ଚୟନ କରିବ । ଗ୍ରାମସଭା ଦ୍ୱାରା ଚୟନ କରାଯାଇଥିବା ହିତାଧିକାରୀଙ୍କ ତାଲିକା ଆଦୃତ ହେବ ବିଧେୟ ।  ଏହି ପ୍ରକଳ୍ପଟି ବାର୍ଷିକ ପ୍ରକଳ୍ପ ଅଧିନସ୍ଥ ଅଟେ ଏବଂ ଏହା ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ମାର୍ଗଦର୍ଶିକା ଅନୁଯାୟୀ ଗୃହୀତ ହୋଇଥିବା ଦରକାର ।

## ସହାୟତାର ପ୍ରକାର:

ଜମି ଧାରଣ ଅନୁଯାୟୀ, ଚୟନ ହୋଇଥିବା ହିତାଧିକାରୀମାନଙ୍କର ଜମିର ଉନ୍ନତିକରଣ, ଉଦ୍ୟାନଭିତ୍ତିକ ବୃକ୍ଷରୋପଣ ଏବଂ ପୋଖରୀ ଖନନ ନିମନ୍ତେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ଥିବା ପାଣ୍ଠିରୁ ସର୍ବାଧିକ ଟ୫୦,୦୦୦ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ । ବ୍ୟବସ୍ଥିତ ପରିମାଣରୁ ଖର୍ଚ୍ଚ ଅଧିକ ହେଲେ ସଂପୃକ୍ତ ହିତାଧିକାରୀ ତାହା ସ୍ୱେଚ୍ଛାକୃତ ଭାବରେ ବହନ କରିବେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ (DRDA) ବ୍ୟବସ୍ଥିତ ଅର୍ଥ ମଧ୍ୟରେ କାର୍ଯ୍ୟର ଅଟକଳ କରି ଏକ ନିର୍ଦ୍ଦିଷ୍ଟ ପରିକଳ୍ପନା (ଷ୍ଟାଣ୍ଡାର୍ଡ଼ ଡ଼ିଜାଇନ୍) ପ୍ରସ୍ତୁତ କରିବେ ।

## କାର୍ଯ୍ୟନିବାହୀ ସଂସ୍ଥା:

ଓଡ଼ିଶା ୱାଟରସେଡ୍ ଡ଼େଭଲପ୍‌ମେଣ୍ଟ ମିଶନ୍ (OWDM), ଓଡ଼ିଶା ଆଦିବାସୀ ସଶକ୍ତିକରଣ ଏବଂ ଜୀବିକା କାର୍ଯ୍ୟକ୍ରମ(OTELP), ଓଡ଼ିଶା ରାଜ୍ୟ ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମ (OSFDP), ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ, ପଞ୍ଚାୟତ ସମିତି ଏବଂ ଗ୍ରାମପଞ୍ଚାୟତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହି ସଂସ୍ଥା ରୂପେ କାର୍ଯ୍ୟ କରିବେ ।

## ପାଣ୍ଠି ବ୍ୟବସ୍ଥା:(FUND FLOW)

ଏହି କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ଥିବା ପୁଞ୍ଜି ସଂପୃକ୍ତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ (DRDA)ଙ୍କ ଠାରୁ ସିଧାସଳଖ ସଂପୃକ୍ତ ବିଭାଗଗୁଡ଼ିକୁ ପ୍ରଦାନ କରାଯିବ । ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ଥିବା ପୁଞ୍ଜିକୁ ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତ ବିନିଯୋଗ କରିପାରିବେ ।

## କାର୍ଯ୍ୟକାରୀ ପ୍ରକ୍ରିୟା:

୧. ଜଳ ବିଭାଜିକା କାର୍ଯ୍ୟକାରୀ ହୋଉନଥିବା ଅଞ୍ଚଳ କ୍ଷେତ୍ରରେ ସଂପୃକ୍ତ ହିତାଧିକାରୀ ଆନୁସଙ୍ଗିକ ନଥିପତ୍ର ସହିତ ନିଜ ଜମିର ଅଧିକାର ପତ୍ର (RoR)ର ନକଲ ସଂଯୁକ୍ତ କରି ବ୍ଲକ୍ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟକୁ ଆବେଦନ କରିପାରିବେ ଏବଂ ଜଳ ବିଭାଜିକା କାର୍ଯ୍ୟକାରୀ ହୋଉଥିବା ଅଞ୍ଚଳରେ ସେମାନେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାଙ୍କ ଠାରେ ଆବେଦନ କରିପାରିବେ ।

୨. ଆବେଦନ ପତ୍ର ପାଇବା ପରେ ସଂପୃକ୍ତ ବ୍ଲକ୍ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ/ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା, କ୍ଷେତ୍ରୀୟ କର୍ମଚାରୀଙ୍କ ସହାୟତାରେ ହିତାଧିକାରୀଙ୍କ ଯୋଗ୍ୟତା ଏବଂ ପ୍ରକଳ୍ପର ସମ୍ଭାବ୍ୟତା ସଂପର୍କରେ କ୍ଷେତ୍ରସ୍ତରୀୟ ତଦାରଖର ଆୟୋଜନ କରିବେ ।

୩. କ୍ଷେତ୍ରସ୍ତରୀୟ ତଦାରଖ ପରେ ଯଦି ହିତାଧିକାରୀ ଯୋଗ୍ୟ ବିବେଚିତ ହୁଅନ୍ତି ଏବଂ ପ୍ରକଳ୍ପ ସମ୍ଭାବନା ପ୍ରତୀତ ହୁଏ, ତେବେ ହିତାଧିକାରୀଙ୍କ ସପକ୍ଷରେ କାର୍ଯ୍ୟାଦେଶ ପ୍ରଦାନ କରାଯିବ । ସମସ୍ତ ନଥିପତ୍ର ଏବଂ ତଦାରଖ ସମ୍ବନ୍ଧୀୟ ବିବରଣୀ ସଂପୃକ୍ତ କେଶ୍ ରେକର୍ଡରେ ରହିବ ।

୪. ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ଗ୍ରାମ ପଞ୍ଚାୟତ ଦ୍ୱାରା ପଞ୍ଜିକୃତ ହୋଇଥିବା ହିତାଧିକାରୀଙ୍କ ପରିବାରର ସଦସ୍ୟ ଏବଂ ପଞ୍ଜିକୃତ ହୋଇ କାମ ଚାହୁଁଥିବା ଅନ୍ୟ ବ୍ୟକ୍ତିମାନଙ୍କୁ କାର୍ଯ୍ୟରେ ନିୟୋଜନ କରି ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇ ପାରିବ ।

୫. ପ୍ରକଳ୍ପ ଆରମ୍ଭ ହେବା ପୂର୍ବର ଫଟୋଚିତ୍ର, ଚାଲିଥିବା ସମୟର ଫଟୋଚିତ୍ର୍ , ଏବଂ କାର୍ଯ୍ୟ ସମାପନର ଫଟୋଚିତ୍ର୍ ନେବାର ଆବଶ୍ୟକତା ରହିଛି ଯାହାକି କେଶ୍ ରେକର୍ଡର ଏକ ଅଂଶବିଶେଷ ହୋଇପାରିବ ।

୬. କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସପୃକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ/ ପ୍ରକଳ୍ପ ନିର୍ବାହୀ ଅଧିକାରୀ ଅନ୍‌ଲାଇନ୍ ବୈଷୟିକ ଏବଂ ଆର୍ଥିକ ମଞ୍ଜୁରୀ ଦେବା ନିମନ୍ତେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଯିବେ ।

୭. ବ୍ଲକ୍ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଅଦ୍ୱିତୀୟ ସାଂଖିକ ମଷ୍ଟର୍ ରୋଲ୍ ସଂଗ୍ରହ କରାଯିବ ।

୮. ମଜୁରୀ ଭିତ୍ତିରେ ଅର୍ଥ ପ୍ରଦାନ କରାନଯାଇ କାର୍ଯ୍ୟ ସମ୍ପାଦନ ଭିତ୍ତିରେ ହେବ ।

୯. କାର୍ଯ୍ୟର ସଠିକ୍ ପର୍ଯ୍ୟବେକ୍ଷଣ ଏବଂ ପର୍ଯ୍ୟାଲୋଚନ କରିବା ନିମନ୍ତେ କାମକୁ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ/ଭୂ-ଖଣ୍ଡ (କ୍ଲଷ୍ଟର) ମଧ୍ୟରେ ଯଥାସମ୍ଭବ କରିବା ଦରକାର ।

୧୦. IEC କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟ ସମ୍ବନ୍ଧରେ ସଚେତନତା ଏବଂ ତା'ର ସ୍ୱଚ୍ଛତା ପ୍ରତିପାଦନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ।

୧୧. ଶ୍ରମଜୀବିମାନଙ୍କର ପାଉଣା ବ୍ୟାଙ୍କ/ଡ଼ାକଘରେ ଥିବା ସେମାନଙ୍କର ସଞ୍ଚୟ ଖାତାକୁ ସ୍ଥାନାନ୍ତରିତ କରାଯିବ ।

୧୨. ଅନ୍ୟାନ୍ୟ ଖର୍ଚ୍ଚ ସହିତ ମଷ୍ଟର୍ ରୋଲ୍‌ର ନକଲ ସଂପୃକ୍ତ ପଞ୍ଚାୟତ ସମିତିରେ ଅନ୍ ଲାଇନ୍ ଏଣ୍ଟ୍ରି ନିମନ୍ତେ ଉପସ୍ଥାପନ କରାଯିବ ଏବଂ ଗ୍ରାମ ପଞ୍ଚାୟତରେ ରେକର୍ଡଭୁକ୍ତ କରାଯିବ ।

୧୩. କାର୍ଯ୍ୟ ବାବଦରେ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ବିବରଣୀର ଅନ୍ ଲାଇନ୍ ଏଣ୍ଟ୍ରି ପଞ୍ଚାୟତ ସମିତି ଦ୍ୱାରା କରାଯିବ ।

୧୪. ଏହି କାର୍ଯ୍ୟକ୍ରମର ସୂଚାରୁରୂପେ ପରିଚାଳନା କରିବା ନିମନ୍ତେ ଆବଶ୍ୟକ ସ୍ଥଳେ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୁନର୍ବାର ବିସ୍ତୃତ ଅନୁଦେଶ ବା ମାର୍ଗଦର୍ଶିକା ଜାରି କରିପାରିବେ ।

୧୫. ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ସମୟରେ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଆଇନ୍ ଅନ୍ତର୍ଗତ ସମସ୍ତ ବିଧିବ୍ୟବସ୍ଥାଗୁଡ଼ିକୁ କଡାକଡି ଭାବରେ ଲାଗୁ କରାଯିବା ଉଚିତ୍ ।

ଏହା ଆପଣଙ୍କ ଅବଗତ ଏବଂ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ଜଣାଇ ଦିଆଗଲା ।

ଆପଣଙ୍କର

ସ୍ୱାକ୍ଷର
(ଏ.କେ. ତ୍ରିପାଠୀ)
ପ୍ରମୁଖ ସଚିବ

ସ୍ୱାକ୍ଷର
(ଏସ୍.ଏନ୍. ତ୍ରିପାଠୀ)
କମିଶନର୍ ତଥା ସଚିବ

## ବିଶେଷ ଦ୍ରଷ୍ଟବ୍ୟ

ଏହା ମୂଳ ସରକାରୀ ନିର୍ଦ୍ଦେଶନାମା ସଂଖ୍ୟା- ୮୩୪୮, ତା ୨୦.୭.୨୦୧୦ର ଓଡ଼ିଆ ଅନୁବାଦ ଅଟେ । ଆମେ ମୂଳ ପତ୍ରର ଭାବାର୍ଥକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତ ଚେଷ୍ଟା କରିଅଛୁଁ । ଜଙ୍ଗଲ ଅଧିକାର ଆଇନ୍,୨୦୦୬ର କାର୍ଯ୍ୟକାରୀ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ପଦକ୍ଷେପକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହା ଏକ ଉଦ୍ୟମ । ଏହାକୁ କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବହାର କରାଯାଇପାରିବ ନାହିଁ । ଆପଣ ଏହି ମୂଳପତ୍ରର ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପାଇପାରିବେ । ଏହା ମଧ୍ୟ www.fra.org.in ଓ http://www.orissa.gov.in/stsc/index.htm ରେ ଉପଲବ୍ଧ ଅଟେ । ଉକ୍ତ ପତ୍ର ଅବା ଜଙ୍ଗଲ ଅଧିକାର ଆଇନ୍, ୨୦୦୬ ଓ ନିୟମ ୨୦୦୭ ସଂପର୍କରେ ଯଦି ଅଧିକ ଜାଣିବାକୁ ଚାହୁଁଛନ୍ତି, ତେବେ ଆପଣ ଜଙ୍ଗଲ ଅଧିକାର ସହାୟତା ଫୋନରେ (ନଂ: ୧୮୦୦ ୩୪୫୬ ୭୭୧) ଆମ ସହ ଯୋଗାଯୋଗ କରିପାରନ୍ତି ।

ବସୁନ୍ଧରା
ପ୍ଲଟ୍ ନଂ: ଏ/୭୦, ଶହିଦ୍ ନଗର, ଭୁବନେଶ୍ୱର
ଫୋନ୍ ଓ ଫ୍ୟାକ୍ସ ନଂ – ୦୬୭୪ – ୨୫୪୨୦୧୧/୦୧୨/୦୨୮,
ଜଙ୍ଗଲ ଅଧିକାର ସହାୟତା ନଂ – ୧୮୦୦ ୩୪୫୬ ୭୭୧
Forest Rights Act Web site: www.fra.org.in
www.vasundharaorissa.org